# Akashvani, Sambalpur

## SAMBALPURI NEWS BULLETIN

### 21 April 2025- 6.47- 6.52 am.

**************************************************

ସିଭିଲ୍ ସେବା ଦିବସ ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏଜ୍ ନୂଆଦିଲ୍ଲୀର ବିଜ୍ଞାନ ଭବନଠାନେ ସିଭିଲ୍ ସେବା ଦିବସ୍ ଅବସରେ ଦେଶର୍ ସିଭିଲ୍ ସେବା ଅଧିକାରୀ ମାନ୍‌କୁ ସମ୍ବୋଧନ୍ କର୍‌ବେ । ୧୭ ନମ୍ବର ସିଭିଲ୍ ସେବା ଦିବସ ପାଳନ ଅବସରେ ସାଧାରଣ ପ୍ରଶାସନ କ୍ଷେତ୍ରଥି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାର୍ ସିଭିଲ୍ ସେବା ଅଧିକାରୀ ମାନ୍‌କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମ୍ମାନିତ କର୍‌ବେ । ଜିଲ୍ଲାର୍ ସାମଗ୍ରୀକ ବିକାଶ, ବ୍ଲକ୍ ସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ୍ କ୍ଷେତ୍ରଥି ଭଲ୍ କାମ୍ କରିଥିବାର୍ ଅଧିକାରୀ ମାନ୍‌କୁ ପୁରସ୍କୃତ୍ କରାଯିବା । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ଗୁଟେ ବହିକେ ଭି ଉନ୍ମୋଚନ୍ କର୍‌ବାର୍ କାର୍ଯ୍ୟକ୍ରମ ରହିଛେ ।

ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ମହାନଗରନିଗମ କାର୍ଯ୍ୟାଳୟନ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କର ଜନ ଅଭିଯୋଗ ଶୁଣାଣି ହେବା । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁରେ ପୁହୁଁଚିକରି ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କର୍ ଦର୍ଶନ କରିଛନ୍ । ରାଜଧାନୀ ବାଗିର୍ ସମ୍ବଲପୁରେ ଭିଲ୍ ସାଧାରଣ ଲୋକଙ୍କ ଦାବୀ ଦରଖାସ୍ତ କେ ଗ୍ରହଣ କରାଯିବା ଆଉ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଏ କିଛିଟା ଅଭିଯୋଗର ତୁର୍ତି ସମାଧାନ ବି କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ଓଭର- ମୁଖ୍ୟମନ୍ତ୍ରୀ)

ଶିବିର ଥି ପଞ୍ଜିକୃତ ହେଇଥିବା ପର୍ଶ୍ଚିମ ଓଡ଼ିଶାର ୧୦ ଟା ଜିଲ୍ଲାର ହଜାରେଟା ଅଭିଯୋଗର ଶୁଣାଣି କରାଯିବା । ଇତାର୍ ସହେତେ ପଞ୍ଜିକୃତ ନାଇହେଇ ପାରିଥିବା ଅଭିଯୋଗ ମାନଙ୍କୁ ଭିଲ୍ ଶୁଣାଣି ଲାଗି ଗ୍ରହଣ କରାଯିବା । ଶିବିର୍ଥି ୧୧ ଝନ୍ ମନ୍ତ୍ରୀଙ୍କର୍ ସହେତେ ମୁଖ୍ୟ ଶାସନ ସଚିବ ଆଉର୍ ୧୦ଟା ଜିଲ୍ଲାର୍ ଜିଲ୍ଲାପାଳ ମାନେ ଉପସ୍ଥିତ ରହେବେ । ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମକେ ନଜରଥି ରଖିକରି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ରାଏଜର ସବୁନୁ ବଡ଼ ସମ୍ମିଳନୀ କକ୍ଷ ଆରଏନ୍ୟୁ/ସମ୍ବଲପୁର

ଭୁବନେଶ୍ୱର ଠାନେ ତିଆର୍ ହେବା ରାଏଜର ସବୁନୁ ବଡ ସମ୍ମିଳନୀ କକ୍ଷ । ରାଜଧାନୀ ରେଳ ସଦନ୍ ପଛାଡ଼େ ଥିବା ପୁରୁନା ଓମଫେଡ୍ ପ୍ଲାଂଟ୍ ପରିସରନ ୧୮ ଏକର ଜାଗା ଥି ଇ ସମ୍ମିଳନୀ କକ୍ଷ ତିଆର୍ ହେବା । ୮ ଶହ କୋଟି ଟଙ୍କା ଖର୍ଚ୍ଚା ଥି ହେବାର କେ ଥିବା ଇ ସମ୍ମିଳନୀ କକ୍ଷ ନ ୪ ହଜାର ଲୋକ୍ ବସବାର୍ ସୁବିଧା ରହେବା ତାର୍ ବାହାରେ ୩୦ ହଜାର ଲୋକ୍ ଜମା ହେଇ ପାର୍‌ବେ । ଇ ମେଗା ପ୍ରକଳ୍ପ ଲାଗି ଓଡ଼ିଶା ସେତୁ ଆଉ ନିର୍ମାଣ ନିଗମ ତରଫୁ ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେଇଛେ ।

ସାଏବର୍ ସେଫ୍ କନକ୍ଲେଭ୍ ଆରଏନ୍‌ୟୁ/ ସମ୍ବଲପୁର

ସାଏବର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ କରବା ସହେତେ ସୁରକ୍ଷିତ୍ ଡିଜିଟାଲ୍ ପରିବେଶ୍ ତିଆର୍ କର୍‌ବା ଲାଗି ଭୁବନେଶ୍ୱର ଠାନେ ସାଏବର ସେଫ୍ ଇଣ୍ଡିଆ କନକ୍ଲେଭ୍ ୨୦୨୫ ହେଇ ଯାଇଛେ । କାର୍ଯ୍ୟକ୍ରମ ଥି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇକରି ସାଏବର୍ ଠକମାନଙ୍କର ଲୋଭ ଆର୍ ଡର୍ ଠାନୁ ଦୁରେ ରହେବାର୍‌କେ ପରାମର୍ଶ ଦେଇଛନ୍ ।

ଭାଗଚାଷୀ ଆଇନ୍ କମିଟି ଆରଏନ୍‌ୟୁ/ ସମ୍ବଲପୁର

ଭାଗଚାଷୀ ଆଇନ୍ ଆନବାର୍ ଲାଗି ରାଜ୍ୟ ସରକାର ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର୍ ଅତିରିକ୍ତ ଶାସନ ସଚିବଙ୍କର ଅଧ୍ୟକ୍ଷତା ଥି ଗୁଟେ ୭ ଜଣିଆ କମିଟି ଗଠନ କରିଛନ୍ । ଭାଗଚାଷୀମାନ୍‌ଙ୍କୁ ନ୍ୟାୟ ଦେବାର୍ ଲକ୍ଷଥି ଭାଗଚାଷୀ ଆଇନ୍ ଆନବାର୍ ଲାଗି ଇ କମିଟି ରାଜ୍ୟ ସରକାରଙ୍କୁ ଭିନ୍ ଭିନ୍ ପରାମର୍ଶ ଦେବା ।

ମେଡିକାଲ୍ କଲେଜ ମୁହୁଁ ଆଧାରିତ ଉପସ୍ଥାନ

ଆରଏନ୍‌ୟୁ/ ସମ୍ବଲପୁର

ରାଏଜର୍ ସବୁ ମେଡିକାଲ କଲେଜ୍ ମାନ୍‌କେ ଏଥର୍ ଅଧ୍ୟାପକମାନକର ବାୟୋମେଟ୍ରିକ୍ ଉପସ୍ଥାନ ବଦଲେ ମୁହୁଁ ଆଧାରିତ ଉପସ୍ଥାନ ବାଧ୍ୟତାମୂଳକ୍ କରାଯାଇଛେ । ମେ ୧ ତାରିଖ୍ ନୁ ସବୁ ସରକାରୀ ଆଉ ଘରୋଇ ମେଡିକାଲ୍ କଲେଜ ନ ଇ ବ୍ୟବସ୍ଥା ଲାଗୁ କରବାର୍ କେ ନ୍ୟାସନାଲ୍ ମେଡିକାଲ କମିଶନ (ଏନଏମସି) ନିର୍ଦ୍ଦେଶ ଜାରି କରିଛନ୍ ।

ଓ୍ୱେଭସ୍ ପିଆଇବି

ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ ୱେଭସ୍ ୨୦୨୫ ଥି ଭାଗ୍ ନେବାର୍ ଲାଗି ଗଣମାଧ୍ୟମ୍ ପ୍ରତିନିଧି ମାନ୍‌କର୍ ଆଏଜ୍‌ଠାନୁ ଫେର୍‌ଘାଏ ପଞ୍ଜିକରଣ ମୁଲ୍ ହେବା । ପଞ୍ଜିକରଣ ପ୍ରକ୍ରିୟା ୩ଦିନ୍ ତକ୍ ଚାଲବା । ଗଣମାଧ୍ୟମ ପ୍ରତିନିଧିମାନେ app.wavesindia.org ୱେବସାଇଟ୍ ଜରିଏ ପଞ୍ଜିକରଣ କରିପାର୍‌ବେ । ଇଥିର୍‌ଲାଗି ପ୍ରିଂଟ୍, ରେଡିଓ, ଟିଭି ସାମ୍ବାଦିକ୍, ଫଟୋଗ୍ରାଫର, ସ୍ୱତନ୍ତ୍ର ସାମ୍ବାଦିକ୍ ମାନେ ଆବେଦନ କରିପାର୍‌ବେ । ଇନ ଜନେଇ ଦିଆଯାଇ ପାରେ ଯେ ଆଏବା ମାସ ୧ ନୁ ୪ ତାରିଖ୍‌ତକ୍ କେନ୍ଦ୍ର ସରକାର୍‌ଙ୍କର ତର୍‌ଫୁ ମୁମ୍ବାଇନ ୱେଭସ୍ ସମ୍ମିଳନୀ ଆୟୋଜନ କରାଯିବା ।

ମେହେର ସମାଜ ବାର୍ଷିକ ସମାବେଶ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଡୁଆଝର୍ ଠାନେ ମେହେର ସମାଜର ୪୩ ନମ୍ବର ଜିଲ୍ଲାସ୍ତରୀୟ ବାର୍ଷିକ ସମାବେଶ୍ ହେଇ ଯାଇଛେ । ସମାଜ ଲାଗି ଥିବା ଦାୟିତ୍ୱ କେ ବୁଝିକରି ନିଷ୍ଠାର ସହେତେ କାମ୍ କଲେ ଭଲ୍ ସମାଜ ଗଠନର ସପନ ପୁରା ହେଇପାରବା ବୋଲି କାର୍ଯ୍ୟକ୍ରମ ଥି ଅତିଥିମାନେ

କହିଥିଲେ । ଇ ଅବସରେ ବିଶେଷ ଅବଦାନ୍ ଦେଇଥିବା ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କଲିଙ୍ଗ ସୁପର୍‌କପ୍ ଫୁଟବଲ୍ I&PR

ଭୁବନେଶ୍ୱର କଲିଙ୍ଗଷ୍ଟାଡିୟମ ଠାନେ କଲିଙ୍ଗ ସୁପର୍ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ୫ ନମ୍ବର ସଂସ୍କରଣ ଗଲା କାଏଲ୍ ମୁଲ୍ ହେଇଛେ । ଟୁର୍ଣ୍ଣାମେଂଟ ଆଏବା ମେ ମାସ ୩ ତାରିଖ ତକ୍ ଚାଲବା । ଇଷ୍ଟ୍ ବେଙ୍ଗଲ୍ ଏଫ୍‌ସି ଆଉ କେରଲ୍ ବ୍ଲାଷ୍ଟର୍‌ସ ଏଫ୍‌ସି ଭିତ୍‌ରେ ହେଇଥିବା ଉଦ୍‌ଘାଟନୀ ମ୍ୟାଚ୍ ଥି କେରଲ୍ ବ୍ଲାଷ୍ଟର୍‌ସ ଏଫ୍‌ସି ମ୍ୟାଚ୍ ଜିତିଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଉ ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇକରି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାବାର ସହେତେ ଉତ୍ସାହିତ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଳବୈଶାଖୀର ବଲେ ଗଲା କାଏଲ୍ ଉପର୍‌ବେଲା ଭୁବନେଶ୍ୱର କଟକ ସହେତେ ପଶ୍ଚିମଓଡିଶାର୍ ଭିନ୍ ଭିନ୍ ଜାଗାନ ଧୁକାଗର୍ଡି ସାଙ୍ଗେ ବର୍ଷା

ହେଇଯାଇଛେ । ଫିରଭିଲ୍ ପଶ୍ଚିମ୍ ଓଡିଶାର ସବୁଜିଲ୍ଲାନ ଗଲାକାଏଲ୍ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍କା ଥିଲା । ଝାରସୁଗୁଡାନ ରାଜ୍ୟର ସବୁନୁ ଜହ ତାପମାତ୍ର ୪୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।